بسم الله الرحمن الرحيم

**୧୫ ଏପ୍ରେଲ ୨୦୨୨ ଖୁତବା ଜୁମାର ସାରାଂଶ**
**ସ୍ଥାନ – ମସଜିଦ ମୁବାରକ୍ ଇସଲାମାବାଦ୍, ଲଣ୍ଡନ**

ହଜରତ ଆଏଶା[ର.ଅ] କୁହନ୍ତି; ହଜରତ ଅବୁବକର[ର.ଅ] ଯେଉଁ ସମସ୍ୟାମାନର ସମ୍ମୁଖୀନ ହୋଇଥିଲେ ଯଦି ସେସବୁ ଏକ ବିଶାଳକାୟ ପର୍ବତ ଉପରେ ପଡ଼ିଥାନ୍ତା ତେବେ ତାହା ମଧ୍ୟ ଧୂଳିଷାତ ହୋଇ ଯାଇଥାନ୍ତା କିନ୍ତୁ ଆପଣ [ର.ଅ]ଙ୍କୁ ଅବତାରମାନଙ୍କ ପରି ଧୈର୍ଯ୍ୟ ପ୍ରଦାନ କରାଯାଇଥିଲା । ହଜରତ ମୁହମ୍ମଦ [ସ.ଅ]ଙ୍କର ସର୍ବୋଚ୍ଚ ସ୍ତରରେ ଅଧିଷ୍ଠିତ ମାର୍ଗଦର୍ଶୀ ଖଲିଫା ହଜରତ ଅବୁବକର୍ ସିଦ୍ଦିକ୍ [ର.ଅ]ଙ୍କ ସୁନ୍ଦର ଚରିତ୍ରର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ହଜୁର ଅନଓ୍ୱର[ଅ.ବ] କହିଲେ; ପୂର୍ବ ଖୁତବା ଜୁମାରେ ହଜରତ ଅବୁବକର ସିଦ୍ଦିକ୍[ର.ଅ] ବିପଥଗାମୀଙ୍କ ବିରୁଦ୍ଧରେ ଯେଉଁ ପଦକ୍ଷେପ ଗ୍ରହଣ କରିଥିଲେ ସେଥି ସଂକ୍ରାନ୍ତରେ ଚର୍ଚ୍ଚା ଚାଲିଥିଲା । ବିଭିନ୍ନ ଦୃଷ୍ଟାନ୍ତ ମାଧ୍ୟମରେ ଏହା ପ୍ରମାଣିତ ହେଉଛି ଯେ ହଜରତ ଅବୁବକର ସିଦ୍ଦିକ୍[ର.ଅ] ବିପଥଗାମୀଙ୍କୁ ସ୍ୱଧର୍ମ ପରିବର୍ତ୍ତନ କରିବା ଯୋଗୁଁ ନୁହେଁ ବରଂ ସେମାନଙ୍କ ବିଦ୍ରୋହ ଓ ମୁସଲମାନମାନଙ୍କ ସହିତ ଯୁଦ୍ଧ କରିବାକୁ ଆଗେଇ ଆସିବା ଯୋଗୁଁ ଦଣ୍ଡିତ କରିଥିଲେ । ହଜରତ ମସିହ ମଉଦ[ଅ.ସ] ମଧ୍ୟ ସେହି ବିପଥଗାମୀଙ୍କୁ ଦୁର୍ଜନ ଓ ବିଦ୍ରୋହୀ ବୋଲି ଦର୍ଶାଇଛନ୍ତି । ଆପଣ[ଅ.ସ] କୁହନ୍ତି; ହଜରତ ମୁହମ୍ମଦ [ସ.ଅ]ଙ୍କ ଦେହାବସାନ ପରେ ଇସଲାମ ଓ ମୁସଲମାନମାନଙ୍କ ଉପରେ ବିପତିର ସୁଅ ଛୁଟି ପଡ଼ିଥିଲା । ଅନେକ କପଟବିଶ୍ୱାସୀମାନେ ନିଜ ଧର୍ମ ପରିବର୍ତ୍ତନ କରିନେଲେ । ଅପବାଦକାରୀଙ୍କର ଏକ ଦଳ ଅବତାରତ୍ୱର ଦାବି କଲେ । ମୁସୈଲମାଃ କଜ୍ଜାବ୍‌ଙ୍କ ସାଥିରେ ପାଖାପାଖି ଏକ ଲକ୍ଷ ଅଶିକ୍ଷିତ ଓ ଅପକର୍ମୀ ସାମିଲ ହୋଇ ବିଶୃଙ୍ଖଳା ଜନିତ ଅଗ୍ନି ପ୍ରଜ୍ୱଳିତ କରିଥିଲେ । ଏତଦ୍ ଦ୍ୱାରା ପୁଣ୍ୟବାନଙ୍କ ଉପରେ ଏକ ଭୟଙ୍କର ଭୂମିକମ୍ପ ରୂପକ ଆଲୋଡନ ଖେଳି ଯାଇଥିଲା । ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ହଜରତ ଅବୁବକର୍[ର.ଅ] ଖଲିଫା ନିର୍ବାଚିତ ହୋଇଥିଲେ ।

ହଜରତ ଆଏଶା[ର.ଅ] କୁହନ୍ତି, ଯେତେବେଳେ ମୋ ପିତା ଖିଲାଫତ୍‌ର ଆସନରେ ଅଧିଷ୍ଠିତ ହେଲେ, ପ୍ରାରମ୍ଭରେ ହିଁ ଆପଣ[ର.ଅ] ପ୍ରତ୍ୟେକ ଦିଗରୁ ବିଭ୍ରାଟ ଓ ଅବତାରତ୍ୱର ମିଥ୍ୟା ଦାବିଦାର ତଥା କପଟବିଶ୍ୱାସୀଙ୍କ ବିଦ୍ରୋହର ସମ୍ମୁଖୀନ ହୋଇଥିଲେ । **ଆପଣ[ର.ଅ] ଏଭଳି ସମସ୍ୟାମାନର ସମ୍ମୁଖୀନ ହୋଇଥିଲେ ଯଦି ସେସବୁ ଏକ ବିଶାଳକାୟ ପର୍ବତ ଉପରେ ପଡ଼ିଥାନ୍ତା ତେବେ ତାହା ମଧ୍ୟ ଧୂଳିଷାତ ହୋଇ ଯାଇଥାନ୍ତା କିନ୍ତୁ ଆପଣ [ର.ଅ]ଙ୍କୁ ଅବତାରମାନଙ୍କ ପରି ଧୈର୍ଯ୍ୟ ପ୍ରଦାନ କରାଯାଇଥିଲା ।** ହଜରତ ମସିହ ମଉଦ[ଅ.ସ] କୁହନ୍ତି; ପରମେଶ୍ୱରଙ୍କର ସାହାଯ୍ୟ ସହଯୋଗ ହଜରତ ଅବୁବକର୍ [ର.ଅ]ଙ୍କ ଉପରେ ଏପରି ଅବତୀର୍ଣ୍ଣ ହେଲା ଯେ ଅବତାରତ୍ୱର ମିଥ୍ୟା ଦାବିଦାର ନିହତ ହେଲେ ଓ ବିପଥଗାମୀମାନେ ନିପାତ ହେଲେ । ବିଭ୍ରାଟର ମୂଳୋତ୍ପାଟନ କରିଦିଆଗଲା । ସର୍ବଶକ୍ତିମାନ ଅଲ୍ଲାଃତାଲା ପୁଣ୍ୟବାନମାନଙ୍କୁ ବିପତ୍ତିରୁ ଉଦ୍ଧାର କରି ସେମାନଙ୍କ ଭୟପ୍ରଦ ଅବସ୍ଥାକୁ ଶାନ୍ତିରେ ରୂପାନ୍ତରିତ କରିଦେଲେ । ଧର୍ମକୁ ସମୃଦ୍ଧି ପ୍ରଦାନ କଲେ ଏବଂ ଏକ ସଂଖ୍ୟାଗରିଷ୍ଠ ଦଳକୁ ସତ୍‌ପଥରେ ପ୍ରତିଷ୍ଠିତ କରିଦେଲେ । ବିଭ୍ରାଟକାରୀଙ୍କ ଚେହେରାରେ କାଳିମା ବୋଳି ଦେଲେ ଏବଂ ନିଜର ପ୍ରତିଶୃତିକୁ ପୂରଣ କରିଦେଲେ । ସେହି ଦୁଃଖକଷ୍ଟ ସହ୍ୟ କରିବା ପରେ ପୁଣ୍ୟବାନଙ୍କ ହୃଦୟ ଆଲୋକିତ ଓ ଚେହେରା ପ୍ରଫୁଲ୍ଲିତ ହୋଇଗଲା । ସେମାନେ ଆପଣ [ର.ଅ]ଙ୍କୁ ଏକ ମଙ୍ଗଳପ୍ରଦ ଅସ୍ତିତ୍ୱ ଓ ଅବତାରଙ୍କ ପରି ଗ୍ରହଣ କରିନେଲେ । ଏସବୁ ହଜରତ ଅବୁବକର ସିଦ୍ଦିକ୍[ର.ଅ] ଓ ଦୃଢ଼ ବିଶ୍ୱାସ ବଶତଃ ସମ୍ଭବ ହେଲା ।

ବିଦ୍ରୋହୀମାନଙ୍କ ମୂଳୋତ୍ପାଟନ ନିମନ୍ତେ ହଜରତ ଅବୁବକର[ର.ଅ] ଯୁଦ୍ଧ କୂଟନୀତି ସ୍ୱରୂପ ମୁସଲମାନ ସେନାକୁ ଭାଗ ଭାଗ କରିଦେଇଥିଲେ ଏବଂ ୧୧ ଜଣ ସେନାଧ୍ୟକ୍ଷଙ୍କୁ ଇସଲାମୀୟ ବାନା ପ୍ରଦାନ କରି ବିଭିନ୍ନ ଅଂଚଳକୁ ଶତ୍ରୁର ମୁକାବିଲା କରିବାକୁ ପ୍ରେରଣ କରିଦେଲେ । ହଜରତ ଖାଲିଦ୍ ବିନ୍ ଓ୍ୱଲିଦ୍ [ର.ଅ]ଙ୍କୁ ତଲିହା ବିନ୍ ଖୌଏଲଦ୍ ଓ ବତାହ୍ ମାଲିକ୍ ବିନ୍ ନଓ୍ୱିରାଃ ବିରୋଧରେ, ହଜରତ ଅକରମା ବିନ୍ ଅବୁ ଜହଲ୍‌କୁ ମୁସୈଲମାଃଙ୍କ ବିରୋଧରେ, ହଜରତ ମୁହାଜିର୍ ବିନ୍ ଅବୁ ଉମୟାଙ୍କୁ ଅନ୍‌ସିଙ୍କ ସେନା ବିରୋଧରେ, ହଜରତ କୈଶ ବିନ୍ ମକ୍‌ଶଉହ୍‌ଙ୍କୁ କୁନ୍ଦାଙ୍କ ସେନା

ବିରୋଧରେ, ହଜରତ ଖାଲିଦ୍ ବିନ୍ ସଇଦ୍ ବିନ୍ ଆସ୍‌ଙ୍କୁ ହମକତିନଙ୍କ ସେନା ବିରୋଧରେ, ହଜରତ ଉମର ବିନ୍ ଆସ୍‌ଙ୍କୁ କଜାଆ ଓଦିଆ ଓ ହାରିସ୍‌ର ଗୋଷ୍ଠୀ ବିରୋଧରେ, ହଜରତ ହୁଜେଫା ବିନ୍ ମୋହସିନ୍ ଗତ୍‌ଫାନୀଙ୍କୁ ଦବା ନିବାସୀଙ୍କ ନିକଟକୁ, ହଜରତ ଅରଜାଃ ହର୍‌ସମାଙ୍କୁ ମୁରାଃ ଗୋଷ୍ଠୀ ଆଡ଼କୁ, ହଜରତ ସରହବିଲ୍ ବିନ୍ ହସନାଙ୍କୁ ୟମାମା ଓ କଜାଆ ବସ୍ତି ଆଡ଼କୁ, ହଜରତ ତରିଫା ବିନ୍ ହାଜିୟ୍‌ଙ୍କୁ ବନୁ ସଲିମ୍ ଓ ହଓାଜିନ୍ ଆଡ଼କୁ, ହଜରତ ସୱିଦ୍ ବିନ୍ ମକରନ୍‌ଙ୍କୁ ତହାମା ଗୋଷ୍ଠୀ ଆଡ଼କୁ ଓ ହଜରତ ଅଲା ବିନ୍ ହଜ୍‌ରମୀଙ୍କୁ ବାହରୈନ୍‌ର ବିଦ୍ରୋହୀମାନଙ୍କ ସହିତ ମୁକାବିଲା କରିବା ସକାଶେ ପ୍ରେରଣ କରିଥିଲେ । ହଜରତ ଅବୁବକର[ର.ଅ] ପ୍ରତ୍ୟେକ ସୈନ୍ୟ ଦଳର ଅମିରଙ୍କୁ ଏହି ନିର୍ଦ୍ଦେଶ ଦେଇଥିଲେ ଯେ, ତୁମ ମାର୍ଗରେ ଯେଉଁ ଯେଉଁ ଶକ୍ତିଶାଳି ମୁସଲମାନଙ୍କୁ ଭେଟିବ ତାଙ୍କୁ ନିଜ ସାଥିରେ ନେଇଯିବ ଏବଂ ସେଠାକାର ଅନ୍ୟ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ନିଜ ଅଂଚଳର ସୁରକ୍ଷା ପାଇଁ ଛାଡ଼ିଯିବ ।

ହଜରତ ଅବୁବକର [ର.ଅ]ଙ୍କର ଏହି ବିଭକ୍ତିକରଣର ଚର୍ଚ୍ଚା କରି ଜଣେ ଐତିହାସବିତ୍ ଲେଖିଛନ୍ତି; ସେହି ଅଭିଯାନଗୁଡ଼ିକ ସକାଶେ ଜୁଲ୍ କିସ୍‌ସା (ମୁସଲମାନ) ସୈନ୍ୟ ଦଳମାନଙ୍କର କେନ୍ଦ୍ରସ୍ଥଳୀ ପାଲଟିଗଲା । ସେହିସ୍ଥଳୁ ସୁସଙ୍ଗଠିତ ମୁସଲମାନ ସୈନ୍ୟଦଳ ବିଦ୍ରୋହୀମାନଙ୍କ ମୂଳୋତ୍ପାଟନ ନିମନ୍ତେ ବିଭିନ୍ନ ଅଂଚଳକୁ ଯାତ୍ରା ଆରମ୍ଭ କରିଥିଲେ । ଦଳର ବିଭକ୍ତିକରଣ ଓ ସେମାନଙ୍କ ସୀମା ନିର୍ଦ୍ଧାରଣ କରିବା ସ୍ପଷ୍ଟ କରୁଅଛି ଯେ ହଜରତ ଅବୁବକର[ର.ଅ] ଜଣେ ସୁଦକ୍ଷ ଭୌଗଳିକବିତ୍ ଥିଲେ ଏବଂ ସେତେବେଳର ଜନବସତି ଓ ଆରବ ଉପଦ୍ୱୀପର ମାର୍ଗଗୁଡ଼ିକ ସମ୍ପର୍କରେ ବେଶ୍ ଭଲ ଭାବରେ ଅବଗତ ଥିଲେ । ନିଜ ସେନା ବାହିନୀ ସହିତ ମଧ୍ୟ ସେ ଅତି ସୁସମ୍ପର୍କ ସ୍ଥାପନ ରକ୍ଷା କରିଥିଲେ । ସମଗ୍ର ସେନା ବାହିନୀ ପରସ୍ପର ସହିତ ମଧ୍ୟ ଦୃଢ଼ ସମ୍ପର୍କ ରକ୍ଷା କରିଥିଲେ । ତେବେ ଏହା ବାସ୍ତବ ପକ୍ଷେ ଖିଲାଫତ୍‌ର ବିଶେଷ ସଫଳତା ମଧ୍ୟରୁ ହିଁ ଥିଲା । କାରଣ ସେହି ସୈନ୍ୟଦଳ ପ୍ରବୀଣ ଓ ଅଭିଜ୍ଞ ପରିଚାଳକ ବ୍ୟକ୍ତିଙ୍କ ଅଧୀନରେ ରହିଥିଲା । ବିଦ୍ରୋହୀମାନେ ନିଜ ନିଜ ଅଂଚଳରେ ବିଭାଜିତ ହୋଇ ରହିଥିଲେ ଏବଂ ଏହି ଖିଆଲରେ ନିମଗ୍ନ ଥିଲେ ଯେ ଆମେ ମାତ୍ର କିଛି ମାସରେ ସମସ୍ତ ମୁସଲମାନମାନଙ୍କୁ ବିନାଶ କରିଦେବୁ । ତେଣୁକରି ହଜରତ ଅବୁବକର[ର.ଅ] ଏହି ପ୍ରୟାସ କଲେ ଯେ ହଠାତ୍ ସେମାନଙ୍କ ଶକ୍ତି ଓ ଗାରିମାର ମୂଳୋତ୍ପାଟନ କରି ତାଙ୍କ ପ୍ରସାରିତ ବିଶୃଙ୍ଖଳାକୁ ଆଗକୁ ବଢ଼ିବା ପୂର୍ବରୁ ସମୂଳେ ନଷ୍ଟ କରିଦିଆଯାଉ ଏବଂ ସେମାନଙ୍କୁ ମୁଣ୍ଡ ଟେକିବାକୁ ଅବସର ନମିଳୁ ଯଦ୍ୱାରା କି ସେମାନେ ମୁସଲମାନମାନଙ୍କୁ କ୍ଷତି ପହଂଚାଇବେ ।

ହଜରତ ଅବୁବକର [ର.ଅ]ଙ୍କ ମନୋନୀତ ସେନାପତିମାନଙ୍କ ଅଭିଭାଷଣର ବିଭିନ୍ନ ବିଷୟର ଚର୍ଚ୍ଚା କରି ଆଉ ଜଣେ ଐତିହାସବିତ୍ ସର୍ବଶ୍ରେଷ୍ଠ ସିଦ୍ଦିକ୍[ର.ଅ] ମଦିନାର ସୁରକ୍ଷା ନିମନ୍ତେ ମାତ୍ର ଗୋଟିଏ ସୈନ୍ୟଦଳକୁ ନିଜ ନିକଟରେ ରଖିଥିଲେ ଏବଂ ପ୍ରଶାସନିକ କାର୍ଯ୍ୟ ତୁଲାଇବା ସକାଶେ ଓ ପରାମର୍ଶ ଦେବା ପାଇଁ ବଡ଼ ବଡ଼ ସାହାବାଙ୍କର ଏକ ଦଳକୁ ମଧ୍ୟ ନିଜ ନିକଟରେ ରଖିଥିଲେ । ସୈନ୍ୟଦଳକୁ ପ୍ରେରଣ କରିବା ସମୟରେ ସେମାନଙ୍କ ସେନାପତିମାନଙ୍କୁ ଏହି ନିର୍ଦ୍ଦେଶ ଦେଇଥିଲେ ଯେ, ତୁମ ମାର୍ଗରେ ଯେଉଁ ଯେଉଁ ଶକ୍ତିଶାଳି ମୁସଲମାନଙ୍କୁ ଭେଟିବ ତାଙ୍କୁ ନିଜ ସାଥିରେ ନେଇଯିବ ଏବଂ ସେଠାକାର ଅନ୍ୟ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ନିଜ ଅଂଚଳର ସୁରକ୍ଷା ପାଇଁ ଛାଡ଼ିଯିବ । ବିଦ୍ରୋହୀମାନଙ୍କ ସହିତ ଯୁଦ୍ଧ ଆରମ୍ଭ କରିବା ସମୟରେ ହଜରତ ଅବୁବକର[ର.ଅ] *ଅଲ୍‌ହରବୁ ଖୁଦ୍‌ଅତୁନ୍*ର ନିୟମ ଅବଲମ୍ବନ କରିଥିଲେ । ଅର୍ଥାତ ସେନାର ଲକ୍ଷ୍ୟକୁ କିଛି ମାତ୍ରରେ ପରିପ୍ରକାଶ କରୁଥିଲା, ଯେତେବେଳେ କି (ସେମାନଙ୍କ) ଉଦ୍ଦେଶ୍ୟ ଆଉ କିଛି ଥିଲା । **ଏପରି ହଜରତ ଅବୁବକର[ର.ଅ] ମୁସଲମାନ ସେନା ବାହିନୀର ନେତୃତ୍ୱ ନେଇ ରଣନୀତି ପ୍ରସ୍ତୁତ କରିଥିଲେ ଯେ ଆପଣଙ୍କ ବୁଦ୍ଧିଜ୍ଞାନ, ବିଚକ୍ଷଣତା, ଦୂରଦର୍ଶୀତା ତଥା ପ୍ରଭୁଙ୍କ ଅନୁକମ୍ପା ବଶତଃ ବିଜୟର ପଥ ସହଜ ସରଳ ହୋଇଯାଇଥିଲା ।**

ସେହି ଅବସରରେ ହଜରତ ଅବୁବକର[ର.ଅ] ଦୁଇଟି ନିର୍ଦ୍ଦେଶାବଳୀ ମଧ୍ୟ ଉଲ୍ଲେଖ କରିଥିଲେ, ପ୍ରଥମଟି ଆରବ ଗୋଷ୍ଠୀଙ୍କ ନାମରେ ଏବଂ ଦ୍ୱିତୀୟ ନିଜ ସେନାଧ୍ୟକ୍ଷମାନଙ୍କ ମାର୍ଗଦର୍ଶନ ଉଦ୍ଦେଶ୍ୟରେ ଲେଖିଥିଲେ । ହଜରତ ମସିହ ମଉଦ[ଅ.ସ] ନିଜର ଅତି ସୂକ୍ଷ୍ମ କାବ୍ୟ *ସିର୍‌ରୁଲ୍ ଖିଲାଫା*ରେ ଆରବ ଗୋଷ୍ଠୀଙ୍କ ନାମରେ ଲେଖା ଯାଇଥିବା ପତ୍ରର ଚର୍ଚ୍ଚା କରି କୁହନ୍ତି; ମୁଁ ଆବଶ୍ୟକ ମନେ କରୁଅଛି ଯେ ଏହିସ୍ଥଳେ ସେହି ପତ୍ରଗୁଡ଼ିକୁ ଉପସ୍ଥାପନ କରିଦିଏ ଯଦ୍ୱାରା ଆମେମାନେ ଶ୍ରେଷ୍ଠ ସିଦ୍ଦିକ୍ [ର.ଅ]ଙ୍କର ପଦୋନ୍ନତି ଓ ହଜରତ ମୁହମ୍ମଦ [ସ.ଅ]ଙ୍କ ସମସ୍ତ ସୁନ୍ନତର ପ୍ରତିରକ୍ଷା କରିବାର ତାଙ୍କର ଶୈଳୀକୁ ଦେଖି ନିଜ

ବିଶ୍ୱାସ ଓ ଆସ୍ଥାକୁ ଅଧିକ ସୁଦୃଢ଼ କରିପାରିବା ।

ତାହା ଏପରି ଥିଲା, ଏହି ପତ୍ର ହଜରତ ମୁହମ୍ମଦ ସ.ଅଙ୍କ ଖଲିଫା ଅବୁବକର ନିକଟରୁ ସମସ୍ତ ଦେଶବାସୀଙ୍କ ନାମରେ... ସ୍ପଷ୍ଟ ରହିଥାଉ ଯେ ପରାକ୍ରମୀ ଅଲ୍ଲାଃତାଲା ହଜରତ ମୁହମ୍ମଦ ସ.ଅଙ୍କୁ ସତ୍ୟର ସହିତ ନିଜ ଭକ୍ତମାନଙ୍କ ନିକଟକୁ ସୁସମାଚାର ଓ ସତର୍କ କରିବା ଏବଂ ପ୍ରଭୁଙ୍କ ଆଡ଼କୁ ସେମାନଙ୍କୁ ଡ଼ାକରା ଦେବା ତଥା ଏକ ଆଲୋକମୟ ଦିବାକର ସ୍ୱରୂପ ପ୍ରେରଣ କରିଛନ୍ତି । ଯଦ୍ୱାରା ହଜୁରସ.ଅ ଜୀବିତ ଲୋକମାନଙ୍କୁ ଭୟଭୀତ କରାଇବେ ଏବଂ ଅମାନ୍ୟକାରୀଙ୍କ ସକାଶେ ବର୍ତ୍ତି ଯିବାର କୌଣସି ମାର୍ଗ ରହି ନଯାଉ । ଅଲ୍ଲାଃତାଲା ତାଙ୍କୁ ବ୍ରହ୍ମଜ୍ଞାନର ସହିତ ମାର୍ଗଦର୍ଶନ କଲେ, ଯେ ଆପଣଙ୍କୁ ସ୍ୱୀକାର କଲେ ଏବଂ ଯେ ଆପଣ ସ.ଅଙ୍କ ଠାରୁ ନିଜ ପୃଷ୍ଠ ଫେରାଇ ନେଲେ ଅର୍ଥାତ ମୁହଁ ମୋଡ଼ି ଚାଲିଗଲେ । ସେମାନଙ୍କ ସହିତ ଆପଣସ.ଅ ସେପର୍ଯ୍ୟନ୍ତ ଯୁଦ୍ଧ ବଳବତ୍ତର ରଖିଲେ ଯେପର୍ଯ୍ୟନ୍ତ ସେମାନେ ସ୍ୱଇଚ୍ଛାରେ ଅବା ଅନିଚ୍ଛା ସତ୍ତ୍ୱେ ଇସଲାମ ଧର୍ମ ସ୍ୱୀକାର କରିନେଲେ ନାହିଁ । ଆଉ ହଜୁର ସ.ଅଙ୍କ ସ୍ୱର୍ଗବାସ ପରେ ଅଲ୍ଲାଃତାଲାଙ୍କ ଆଦେଶ ପ୍ରଣୟନ କରିବା ଓ ସମ୍ପ୍ରଦାୟର ଅଭାବ ଓ ଅସୁବିଧା ଦୂର କରିବାର ଯେଉଁ ଦାୟିତ୍ୱ ଭାର ଆପଣ ସ.ଅଙ୍କ ଉପରେ ନ୍ୟସ୍ତ ହୋଇଥିଲା, ତାହା ପୂରଣ କରିଦେଲେ ଏବଂ ଅଲ୍ଲାଃତାଲା ହଜୁରସ.ଅ ଓ ମୁସଲମାନମାନଙ୍କ ଉପରେ ଯେଉଁ ଧର୍ମବିଧାନ ଅବତୀର୍ଣ୍ଣ କରିଥିଲେ ତାହାର ବ୍ୟାଖ୍ୟା କରିଦେଲେ... ମୁଁ ଆପଣମାନଙ୍କୁ ପ୍ରଭୁଙ୍କର ଭୟ ପୋଷଣ କରିବା ଓ ଆପଣମାନଙ୍କ କପାଳଲିଖନ ଯାହାକି ପ୍ରଭୁ ପୂର୍ବରୁ ସ୍ଥିର କରିଦେଇଛନ୍ତି ଏବଂ ସେହି ଶିକ୍ଷା ଯାହାକି ତୁମ ନବୀ ତୁମ ନିକଟକୁ ଘେନି ଆଣିଛନ୍ତି, ତଦନୁରୂପ କାର୍ଯ୍ୟାନୁସରଣ କରିବାକୁ ତାଗିଦ୍ କରୁଅଛି । ତାହା ଏହି ଯେ ତୁମେ ହଜୁର ସ.ଅଙ୍କ ମାର୍ଗଦର୍ଶନ ଅନୁଯାୟୀ ମାର୍ଗ ଅବଲମ୍ବନ କର ଏବଂ ପ୍ରଭୁଙ୍କ ଧର୍ମକୁ ଦୃଢ଼ତାର ସହିତ ଜାବୁଡ଼ି ଧର । କାରଣ ପ୍ରତ୍ୟେକ ସେହି ବ୍ୟକ୍ତି ଯାହାର ଅଲ୍ଲାଃତାଲା ମାର୍ଗଦର୍ଶନ କରି ନଥାନ୍ତି ସେ ପଥଭ୍ରଷ୍ଟ ଅଟେ । ପ୍ରତ୍ୟେକ ସେହି ବ୍ୟକ୍ତି ଯାହାକୁ ସେ ସୁରକ୍ଷା ପ୍ରଦାନ ନକରନ୍ତି ସେ ବିପଦ ଘେରରେ ନିବିଷ୍ଟ ହୋଇଯାଏ ଏବଂ ପ୍ରତ୍ୟେକ ସେହି ବ୍ୟକ୍ତି ଯାହା ଠାରୁ ସେ ସାହାଯ୍ୟର ହସ୍ତ ସଙ୍କୁଚିତ କରି ଦିଅନ୍ତି ତେବେ ସେ ନିରାଶ୍ରୟ ଓ ଏକାକୀ ରହିଯାଇଥାଏ । ସୁତରାଂ ଯାହାର ପ୍ରଭୁ ମାର୍ଗଦର୍ଶନ କରିଥାନ୍ତି, କେବଳ ସେ ହିଁ ସତ୍‌ପଥରେ ଦଣ୍ଡାୟମାନ ରହିଥାଏ ଏବଂ ଯାହାର ସେ ମାର୍ଗଦର୍ଶନ କରି ନଥାନ୍ତି ସେ ପଥଭ୍ରଷ୍ଟ ଅଟେ । ତାହାର ଏହି ଭବ ସଂସାରରେ ଅବସ୍ଥା କିଭଳି ଶୋଚନୀୟ ପରିଣାମ ହୋଇଥାଏ, ତାହାର ତ କୌଣସି ଅମଳ ସ୍ୱୀକାର ହୋଇ ନଥାଏ ଯେପର୍ଯ୍ୟନ୍ତ ସେ ଏହି ଇସଲାମ ଧର୍ମକୁ ସ୍ୱୀକାର କରିନେଇ ନାହିଁ ନା ପରକାଳରେ ତାହାକୁ କୌଣସି ଭାଗ ମିଳିବ । ମୋତେ ଏହି ସୂଚନା ପ୍ରାପ୍ତ ହୋଇଛି ଯେ ତୁମମାନଙ୍କ ମଧ୍ୟରୁ କେତେକ ଇସଲାମ ଧର୍ମ ସ୍ୱୀକାର କରି ତାହାର ନୀତିଶିକ୍ଷାର ପାଳନ କଲା ପରେ ମଧ୍ୟ ପରମେଶ୍ୱରଙ୍କୁ ଧୋକା ଦେଉଛ ଏବଂ ତାଙ୍କ ପ୍ରସଙ୍ଗରେ (ନିଜ ଚିରାଚରିତ ପରମ୍ପରା)ର ପାଳନ କରି ଶୈତାନର ପଦାଙ୍କ ଅନୁସରଣ କରୁଛ ତଥା ସ୍ୱଧର୍ମର ଖିଲାଫ କରୁଅଛ... ମୁଁ ପ୍ରବାସକାରୀ, ଅନସାର ଓ ସତ୍‌କର୍ମକାରୀ ତାବେଈନ୍‌ଙ୍କ ସୈନ୍ୟ ବାହିନୀରେ ଅମୁକ ଅମୁକ ବ୍ୟକ୍ତିଙ୍କୁ ଦାୟିତ୍ୱ ଭାର ପ୍ରଦାନ କରି ତୁମମାନଙ୍କ ନିକଟକୁ ପ୍ରେରଣ କରୁଅଛି ଏବଂ ମୁଁ ସେମାନଙ୍କୁ ଆଦେଶ ଦେଇଛି ଯେ ସେମାନେ ସେପର୍ଯ୍ୟନ୍ତ କାହାରି ସହିତ ଯୁଦ୍ଧ କରିବେ ନାହିଁ ଯେପର୍ଯ୍ୟନ୍ତ ସେ (ଅମାନ୍ୟକାରୀଙ୍କୁ) ଇସଲାମ ପ୍ରତି ଡ଼ାକରା ଦେଇ ନାହାନ୍ତି । ସେଥିଅନ୍ତେ ଯେ ସେହି ବାର୍ତ୍ତାକୁ ସ୍ୱୀକାର କରି ସାକ୍ଷ୍ୟ ଦେବ ଏବଂ ଉତ୍ତମ କର୍ମ ସମ୍ପାଦନ କରିବ ତାହାକୁ କୌଣସି ପ୍ରକାରର କ୍ଷତି ପହଂଚିବ ନାହିଁ । ବରଂ ତାହାକୁ ସାହାଯ୍ୟ ପ୍ରଦାନ କରାଯିବ । କିନ୍ତୁ ଯେ ଅସ୍ୱୀକାର କରିବ ତେବେ ତାହା ଉପରେ ବଳ ପ୍ରୟୋଗ କରାଯିବ ଏପରିକି ସେମାନଙ୍କ ମଧ୍ୟରୁ ଜଣେ ହେଲେ ଜୀବିତ ରହିବେ ନାହିଁ । ତେବେ ଆମ ସୈନିକମାନେ ସେମାନଙ୍କୁ ଅଗ୍ନିରେ ଜାଳି ଦିଅନ୍ତୁ ଅବା ଅନ୍ୟ କୌଣସି ପ୍ରକାରେ ତାହାର ହତ୍ୟା କରନ୍ତୁ ଏବଂ ମହିଳା ଓ ପିଲାମାନଙ୍କୁ ବନ୍ଦୀ କରି ନିଆଯିବ । କାହାରି ଠାରୁ ଇସଲାମ ବ୍ୟତୀତ ଅନ୍ୟ କୌଣସି କଥାରେ ଏମାନେ ରାଜି ହେବେ ନାହିଁ । ଆଉ ଯେକେହି (ଇସଲାମ ଧର୍ମ)ର ଅନୁକରଣ କରିବ ତେବେ ଏହା ତାହା ପାଇଁ ଶ୍ରେୟସ୍କର ସାବ୍ୟସ୍ତ ହେବ ଏବଂ ଯେ ଏହାର ଅବମାନନା କଲା ତେବେ ସେ ପ୍ରଭୁଙ୍କୁ କୌଣସି ମତେ ସନ୍ତୁଷ୍ଟ କରି ପାରିବ ନାହିଁ । ମୁଁ ନିଜ ବାର୍ତ୍ତାବହକୁ ଆଦେଶ ପ୍ରଦାନ କରିଛି ଯେ ସେ ମୋର ଏହି ପତ୍ରକୁ ତୁମମାନଙ୍କର ପ୍ରତ୍ୟେକ ବୈଠକରେ ପାଠ କରି ଶୁଣାଇ ଦେବେ ଏବଂ ଅଜାନ ମାଧ୍ୟମରେ ହିଁ ଇସଲାମର ଘୋଷଣା କରାଯିବ । ସୁତରାଂ ଯେତେବେଳେ ଜଣେ ମୁସଲମାନ ଅଜାନ ଦେବ ସେତେବେଳେ ତୁମେମାନେ ମଧ୍ୟ ଅଜାନ ଦେବ ।

ଯଦ୍ୱାରା ତୁମମାନେ ନିଶ୍ଚିତ ଆକ୍ରମଣରୁ ବର୍ତିଯିବ । ଆଉ ଯଦି କେହି ଅଜାନ ନଦିଅନ୍ତି ତେବେ ତାକୁ ଆଉ ଅବସର ନଦେଇ ସଙ୍ଗସଙ୍ଗେ ତାହା ଉପରେ ଆକ୍ରମଣ କରିଦିଆଯିବ । ଯେତେବେଳେ ସେମାନେ ଅଜାନ ଦେଇଦିଅନ୍ତି ସେତେବେଳେ ଯାହା ତାଙ୍କର କର୍ତ୍ତବ୍ୟ ତାଙ୍କୁ ବୁଝାଇଦେବ ଓ ତାଙ୍କୁ ସ୍ୱୀକାର କରିନେବ ଏବଂ ତାଙ୍କଠାରୁ ସେମାନଙ୍କ (କର୍ତ୍ତବ୍ୟ) ଆଦାୟ କରିବ । ଆଉ ଯଦି ସେମାନେ ଅମାନ୍ୟ କରନ୍ତି ତେବେ ତାଙ୍କ ଉପରେ ଆକ୍ରମଣ କରି ତାଙ୍କୁ ନିପାତ କରିଦିଆଯିବ ।

ହଜରତ ଅବୁବକର [ର.ଅ]ଙ୍କର ଦ୍ୱିତୀୟ ପତ୍ର ୧୧ ଜଣ ସେନାଧକ୍ଷଙ୍କୁ ଲେଖା ଯାଇଥିଲା ଏବଂ ପ୍ରତ୍ୟେକ ସେନାଧକ୍ଷଙ୍କୁ ଏହା ତାଗିଦ୍ କରାଯାଇଥିଲା ଯେ ସେ ପ୍ରତ୍ୟେକ ମାମଲାରେ ପ୍ରତ୍ୟକ୍ଷ ଓ ପରୋକ୍ଷ ରୂପେ ଧର୍ମପରାୟଣତା ଅବଲମ୍ବନ କରିବେ । ଯେଭଳି ସେମାନଙ୍କ ସାମର୍ଥ୍ୟ ରହିଛି ତାହାର ସେ ବିନିଯୋଗ କରି ସେ ପ୍ରଭୁଙ୍କ ମାର୍ଗରେ ଜେହାଦ କରିବେ, ଯେଉଁମାନେ ବିପଥଗାମୀ ପାଲଟି ଶୈତାନର ଅଭିଳାଷକୁ ଆପଣାଇ ନେଇଛନ୍ତି । ସର୍ବପ୍ରଥମେ ସେମାନଙ୍କର ଖବର ନେବ ଏବଂ ସେମାନଙ୍କୁ ସତ୍‌ପଥ ଆଡ଼କୁ ଡ଼ାକରା ଦେବ । ଯଦି ସେମାନେ ତାହା ସ୍ୱୀକାର କରିନିଅନ୍ତି ତେବେ ତାଙ୍କ ସହିତ ଯୁଦ୍ଧ କରିବାରୁ ବିରତ ରହିବ । ଆଉ ଯଦି ସେମାନେ ତାହା ସ୍ୱୀକାର ନକରନ୍ତି ତେବେ ତାଙ୍କୁ ଆଉ ଅବସର ନଦେଇ ସଙ୍ଗସଙ୍ଗେ ତାଙ୍କ ଉପରେ ଆକ୍ରମଣ କରିଦେବ । ଯେପର୍ଯ୍ୟନ୍ତ କି ସେମାନେ ପ୍ରଭୁଙ୍କ ଶରଣାଗତ ହୋଇ ନାହାନ୍ତି । ସେଥିଅନ୍ତେ ତାଙ୍କୁ ତାଙ୍କର କର୍ତ୍ତବ୍ୟ ଓ ଅଧିକାର ସମ୍ପର୍କରେ ବୁଝାଇ ଦେବ ଏବଂ ତାଙ୍କଠାରୁ ସେମାନଙ୍କ (କର୍ତ୍ତବ୍ୟ) ଆଦାୟ କରିବ । ଆଉ ସେମାନଙ୍କ ଅଧିକାର ସେମାନଙ୍କୁ ଫେରସ୍ତ କରିଦେବ ଆଉ ଯେ ଏହାର ଅବମାନନା କଲା ତେବେ ତାହା ସହିତ ଯୁଦ୍ଧ କରିବ । ଯଦି ଅଲ୍ଲାଃତାଲା ତୁମକୁ ଏଥିରେ ବିଜୟ ମଣ୍ଡିତ କଲେ ତେବେ ଅମାନ୍ୟକାରୀଙ୍କୁ ଅଗ୍ନିରେ ଜାଳି ଦେବ ଅଥବା ଅନ୍ୟ କୌଣସି ପ୍ରକାରେ ତାଙ୍କର ବଧ କରିବ ।

ଡ଼ାଃ ଅଲୀ ମୁହମ୍ମଦ ସଲାବି ଲେଖିଛନ୍ତି ଉକ୍ତ ପତ୍ରରେ ଲେଖା ଯାଇଥିଲା ଯେ, ବିଦ୍ରୋହୀମାନଙ୍କୁ ଅଗ୍ନିରେ ଭସ୍ମୀଭୂତ କରିଦେବ । ଯେତେବେଳେ କି କାହାରିକୁ ଅଗ୍ନିରେ ଜାଳିବାକୁ ସ୍ପଷ୍ଟ ରୂପେ ବାରଣ କାରଯାଇଛି, ଇସଲାମୀୟ ନୀତିଶିକ୍ଷାରେ ଏହା ଅବୈଧ ଅଟେ । କାରଣ ଏତଦ୍ ଦ୍ୱାରା ଶାସ୍ତି ଦେବା ପରମେଶ୍ୱର କେବଳ ନିଜ ଅଖତିଆରରେ ରଖିଛନ୍ତି । ତେବେ ମନେରଖିବା ଉଚିତ୍ ଯେ ଏଠାରେ ସେମାନଙ୍କୁ ଏଥିସକାଶେ ଜାଳିବାର ଆଦେଶ ଦିଆଯାଇଥିଲା କାରଣ ସେହି ଉପଦ୍ରବୀମାନେ ବିଶ୍ୱାସକାରୀଙ୍କ ସହିତ ଏହିପରି ଆଚରଣ କରିଥିଲେ । **ସୁତରାଂ ଏହା ସେମାନଙ୍କ ପାଇଁ ପ୍ରତିଶୋଧ ସ୍ୱରୂପ ଥିଲା ।**

ଅଲ୍ଲାଃତାଲା ପବିତ୍ର କୁରଆନରେ ମଧ୍ୟ ଏହି ଆଦେଶ ଦେଇଛନ୍ତି; ଯେ ଯେପରି ଅପରାଧ କରେ ତାହାକୁ ସେହିପରି ଦଣ୍ଡ ଦିଅ । ବିଦ୍ରୋହୀମାନେ ମୁସୁଲମାନମାନଙ୍କୁ ଅଗ୍ନିରେ ଜାଳି ଦେଇଥିଲେ ଏବଂ ସେମାନଙ୍କୁ ଅତି କୁତ୍ସିତ ନିର୍ଯାତନା ଦେଇ ହତ୍ୟା କରିବାର ଅପରାଧ କରିଥିଲେ । ସୁତରାଂ ହଜରତ ଅବୁବକର[ର.ଅ] ସେମାନଙ୍କୁ ସେହିପରି ଦଣ୍ଡିତ କରିବାର ନିର୍ଦ୍ଦେଶ ଦେଇଥିଲେ ଯେପରି ସେମାନେ ମୁସଲମାନମାନଙ୍କ ସହିତ ବର୍ବର କାଣ୍ଡ ଭିଆଇ ଥିଲେ ।

ପରିଶେଷରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ଏହି ଚର୍ଚ୍ଚାଟି ବର୍ତ୍ତମାନ ଅବ୍ୟାହତ ରହିଛି ଇନ୍‌ଶା ଅଲ୍ଲାଃ ଆସନ୍ତାରେ ମଧ୍ୟ ଆଲୋଚନା କରିବି । ରମଜାନରେ ସମ୍ଭବତଃ ଅନ୍ୟ କୌଣସି ବିଷୟ ଆଲୋଚନା କରିବାକୁ ପଡ଼ିପାରେ ଯଦ୍ୱାରା ଏହି ପ୍ରସଙ୍ଗ ଅଧିକ ସମୟ ଦରକାର ହେବ ତଥାପି ଏହାର ବାକି ଅଂଶ ବିସ୍ତାର ରୂପେ ବର୍ଣ୍ଣନା କରାଯିବ ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।